# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 January – 2026

********************************

## ମୁଖ୍ୟ ସମ୍ବାଦ

- ଷ୍ଟାର୍ଟଅପ୍ କ୍ଷେତ୍ରରେ ସଫଳତା ଦିଗରେ ମହିଳାମାନଙ୍କର ଅଗ୍ରଣୀ ଭୂମିକା ରହିଛି; କହିଲେ ପ୍ରଧାନମନ୍ତ୍ରୀ

— ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମିତା ପ୍ରତିଯୋଗିତା ଉଦ୍‌ଘାଟିତ

- ଶିକ୍ଷାବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ୪ ସୂତ୍ରୀ ପରାମର୍ଶ

- ରାଜ୍ୟରେ ନିପା ଭାଇରସ୍ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

- ଉଦୟଗିରିଠାରେ ଚାଲିଥିବା ବୌଦ୍ଧ ଗୁରୁ ପଦ୍ମସମ୍ଭବ ସମ୍ମିଳନୀ ଓ ପ୍ରାର୍ଥନା ସମାରୋହ ଉଦ୍‌ଯାପିତ

ଏବଂ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ରାଜାରାଣୀ ସଂଗୀତ ଉତ୍ସବ

# ପିଏମ୍-ଷ୍ଟାର୍ଟଅପ୍

ଷ୍ଟାର୍ଟଅପ୍ କ୍ଷେତ୍ରରେ ସଫଳତା ପାଇବାରେ ଦେଶର ମହିଳାମାନଙ୍କର ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ଷ୍ଟାର୍ଟଅପ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ଦେଶର ୪୫ ପ୍ରତିଶତରୁ ଅଧିକ ଷ୍ଟାର୍ଟଅପ୍‌ଗୁଡ଼ିକରେ ନିଶ୍ଚିତ ଜଣେ ମହିଳା ନିର୍ଦ୍ଦେଶକ ଅବା ସହଯୋଗୀ ରହିଥିବାର ଦେଖିବାକୁ ମିଳୁଛି । ମହିଳାମାନେ ଷ୍ଟାର୍ଟଅପ୍‌ଗୁଡ଼ିକର ନେତୃତ୍ୱ ନେଉଥିବା ଦୃଷ୍ଟିକୁ ବିଚାର କଲେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଇକୋ ସିଷ୍ଟମ୍ ଭାବେ ପରିଗଣିତ ହେଉଛି । ଫଳରେ ଏହା ଦେଶର ସମୃଦ୍ଧିକୁ ବୃଦ୍ଧି କରିବାରେ ସହାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**VO-PM**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ଇଣ୍ଡିଆ ମିଶନ୍ ସମଗ୍ର ଦେଶରେ ଏକ କ୍ରାନ୍ତୀର ରୂପ ନେବା ସହ ଏକ ନୂତନ ସଂସ୍କୃତିର ଉଦୟ ହୋଇଛି। ଭାରତ ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ପରିଣତ ହୋଇଛି । ଦେଶର ଯୁବାମାନେ ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ତତ୍ପରତା ପ୍ରକାଶ କରୁଛନ୍ତି।

ଭାରତ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାର ୧୦ ବର୍ଷ ପାଳନ କେବଳ ସରକାରୀ ଯୋଜନାର ଏକ ସଫଳତାର କାହାଣୀ ନୁହେଁ ବରଂ ଲକ୍ଷ ଲକ୍ଷ

ସ୍ୱପ୍ନକୁ ସାକାର କରିବାର ଏକ ଅନନ୍ୟ ଭାବନା । ବର୍ତ୍ତମାନ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ୨ ଲକ୍ଷକୁ ଅତିକ୍ରମ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍

ରାଜ୍ୟସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା ରାଜ୍ୟରେ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଦିଗରେ ସହାୟକ ହୋଇପାରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭର କରିବା ସହ କେନ୍ଦ୍ରସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆର ଲକ୍ଷ୍ୟ ପୂରଣ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିଛି। ପ୍ରତିଯୋଗିତାରେ ୧୪ଟି ବିଶ୍ୱବିଦ୍ୟାଳୟର ୭୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଆସନ୍ତାକାଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ୧୦ଟି ଷ୍ଟାର୍ଟଅପ୍ ପ୍ରକଳ୍ପକୁ ଚୟନ କରାଯିବା ସହ ପ୍ରତ୍ୟେକ ପ୍ରକଳ୍ପକୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। କୃତୀ ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ସହ ଉଚ୍ଚସ୍ତରୀୟ ଗବେଷଣା ପାଇଁ ସମସ୍ତ ସୁବିଧା ଓ ସୁଯୋଗ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ।

## ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କର ବିକାଶ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କେନ୍ଦ୍ର

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରଠାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ସହ ଆଭାସୀ ଜରିଆରେ ନୂତନ ପାଠ୍ୟପୁସ୍ତକ ଏବଂ ରାଜ୍ୟର ସମସ୍ତ ଜିଲ୍ଲାର ମାଷ୍ଟର ଟ୍ରେନ୍‌ରଙ୍କ ସହ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୪ ସୂତ୍ରୀ ପରାମର୍ଶ ଦେଇ କହିଛନ୍ତି, ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଏବଂ ଶିକ୍ଷାବର୍ଷ ୨୦୨୬-୨୭ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ।

ନିପୁଣ ଓଡ଼ିଶାର ଲକ୍ଷ୍ୟ ହାସଲ କରିବା, ମାତୃଭାଷାଭିତ୍ତିକ ଶିକ୍ଷାକୁ ସୁଦୃଢ଼ କରିବା, ଶିଶୁମାନଙ୍କର ପୋଷଣ ବିଷୟ ପ୍ରତି ଧ୍ୟାନ ଦେବା ଏବଂ ୧୦ଦିନିଆ ବିନା ବସ୍ତାନୀ ଶିକ୍ଷାଦାନ ଦିଆଯିବ। ଏହି ସମସ୍ତ ପଦକ୍ଷେପ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ସଂସ୍କାର, ପିଲାମାନଙ୍କ ଭବିଷ୍ୟତ ଓ ରାଜ୍ୟର ପ୍ରଗତି ପାଇଁ ଏକ ସାମୂହିକ ପ୍ରତିବଦ୍ଧତା।

ଜାତୀୟ ଶିକ୍ଷାନୀତି ଅଧୀନରେ ରାଜ୍ୟ ୫୫ଟି ନୂତନ ଏନ୍‌ସିଆରଟି ପାଠ୍ୟପୁସ୍ତକର ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ଏଥିସହ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ୩ଟି ନୂତନ ବିଷୟ- କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ କରାଯାଉଛି ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

କେନ୍ଦ୍ର ଓ ରାଜ୍ୟର ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଶିକ୍ଷାବିତ୍‌ମାନେ ବୈଠକରେ ଉପସ୍ଥିତ ରହି ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।

## ପରିଚାଳନା କମିଟି ବୈଠକ

**ପୁରୀ** ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ପୁରୀ ଶ୍ରୀମନ୍ଦିର ପରିସରରେ ସକାଳ ୧୧ଟାରେ ଅନୁଷ୍ଠିତ ହେବ। ରତ୍ନଭଣ୍ଡାରର ଅଳଙ୍କାରର ଗଣତିମଣତି ନେଇ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ଚିଠା ପ୍ରସ୍ତାବ, ଶ୍ରୀମନ୍ଦିର ସୁରକ୍ଷା, ମନ୍ଦିର ଆଇନ୍‌ରେ ସଂଶୋଧନ, ଧାଡିଦର୍ଶନ, ଶୃଙ୍ଖଳିତ ନୀତିକାନ୍ତି ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ନିପା ଭାଇରସ

ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗରେ ନିପା ଭାଇରସ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟରେ ପ୍ରତିରୋଧମୂଳକ ଏହି ବୈଠକ କରାଯାଇଛି। ବର୍ତ୍ତମାନ ନିପା ଭାଇରସ୍ ଆକ୍ରାନ୍ତ ବ୍ୟକ୍ତି ଚିହ୍ନଟ ହୋଇନାହାନ୍ତି। ସରକାର ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ସହ ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଏହାସହ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ

ରହିବା ସନ୍ଦେହମୂଳକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପି କିଟ୍ ଓ ଚିକିତ୍ସା ସାଧନ ମହଜୁଦ ରଖିବାକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି ।

## ପଦ୍ମସମ୍ଭବ ସମ୍ମିଳନୀ

**ଯାଜପୁର** ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଗତ ୬ ଦିନ ଧରି ଚାଲିଥିବା ଗୁରୁ ପଦ୍ମସମ୍ଭବ ସମ୍ମିଳନୀ ଓ ପ୍ରାର୍ଥନା ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି । ଲାଇଟ୍ ଅଫ୍ ବୌଦ୍ଧ ଧର୍ମ ଫାଉଣ୍ଡେସନ୍ ଇଣ୍ଟର ନ୍ୟାସନାଲ ଦ୍ୱାରା ଆୟୋଜିତ ସମ୍ମିଳନୀରେ ନେପାଳ, ଭୁଟାନ, ଥାଇଲାଣ୍ଡ, ଭିଏତ୍‌ନାମ, ମ୍ୟାମାର, ବ୍ରାଜିଲ, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ ସମେତ ୧୭ଟି ଦେଶରୁ ପ୍ରାୟ ୧ ହଜାର ୬୦୦ ବୌଦ୍ଧ ସନ୍ନ୍ୟାସୀ ସାମିଲ ହୋଇଥିଲେ । ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ବୌଦ୍ଧ ଗୁରୁ ଦୋରଜୀ ରିନ୍‌ପୋଚେ ଲାମା ସୋନାମ ତାଷୀ ରିନ୍‌ପୋଚେଙ୍କ ସମେତ ପ୍ରମୁଖ ବୌଦ୍ଧ ଧର୍ମାବଲମ୍ବୀମାନେ ଯୋଗଦେଇଥିଲେ । ଅନ୍ତର୍ଜାତୀୟ ବୌଦ୍ଧ ସମାରୋହ ରାଜ୍ୟ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିଲା ।

## ସମୀକ୍ଷା-ପ୍ରଭାତୀ ପରିଡା

ପର୍ଯ୍ୟଟନସ୍ଥଳିଗୁଡ଼ିକରେ ବ୍ୟାପକ ସ୍ୱଚ୍ଛତା ଏବଂ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ପ୍ରମୁଖ ଐତିହ୍ୟ ଏବଂ ଧାର୍ମିକ ସ୍ଥଳିଗୁଡ଼ିକର ବିକାଶ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ଐତିହ୍ୟ ସୁରକ୍ଷା, ପର୍ଯ୍ୟଟନ ପ୍ରୋତ୍ସାହନ ଓ

ପରିବେଶ ସୁରକ୍ଷା ଏକାସାଥୀରେ ଆଗେଇ ନିଆଯିବା ଆବଶ୍ୟକ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଖଣ୍ଡଗିରି-ଉଦୟଗିରି, କେଦାରଗୌରୀ, ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର ଏବଂ କପିଳେଶ୍ୱର ଆଦି ପ୍ରାଚୀନ ଐତିହ୍ୟ ଓ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ, ପରିସରର ନିୟମିତ ସଫେଇ ଏବଂ ସ୍ୱଚ୍ଛତା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକର ଉପରେ ଆଲୋଚନା କରିଛନ୍ତି। ବୈଠକରେ ବିଧାୟକ ବାବୁ ସିଂ, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃଷି ଯନ୍ତ୍ରପାତିମେଳା

**ବଲାଙ୍ଗିର** ଜିଲ୍ଲା ପାଟଣାଗଡ଼ଠାରେ ଉପଖଣ୍ଡ ରାମପୁରସ୍ଥିତ ପାଟଣେଶ୍ୱରୀ ହାଇସ୍କୁଲ ପଡିଆରେ ଆୟୋଜିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ଏହି ମେଳା ଚାଷୀମାନଙ୍କ ନିମନ୍ତେ ଏକ ଦିଗ୍‌ଦର୍ଶକ ସଦୃଶ ହୋଇଛି। ଚାଷୀମାନଙ୍କୁ ରାସାୟନିକ ସାର ବ୍ୟବହାର ବଦଳରେ ଜୈବିକ ସାରର ବ୍ୟବହାର ଓ ଡାଲି ଜାତୀୟ ଫସଲ ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମେଳାରେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାସହ ୩ଟି ବ୍ଲକ୍‌ର ଚାଷୀମାନେ ମେଳାରେ ଭାଗ ନେଇଥିଲେ।

## ରୁକୁଣା ରଥଯାତ୍ରା

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ କାଠ ପଠାଯାଇଛି। ରଥ ନିର୍ମାଣ ପାଇଁ ଛତିଶ ଖଣ୍ଡ କାଠର

ଆବଶ୍ୟକତା ଥିବାବେଳେ ଦଶପଲ୍ଲା ବନାଞ୍ଚଳରୁ ୧୭ ଖଣ୍ଡ କାଠ ଖପୁରିଆସ୍ଥିତ ସ'ମିଲକୁ ପଠାଯାଇଛି। ଆସନ୍ତା ମାର୍ଚ୍ଚ ମାସ ୨୬ ତାରିଖ ଅର୍ଥାତ୍ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ରଥ ନିର୍ମାଣ ପାଇଁ ଶ୍ରୀପଞ୍ଚମୀ ତିଥି ପୂର୍ବରୁ ଆବଶ୍ୟକ କାଠ ଯୋଗାଇ ଦେବାକୁ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ନୟାଗଡ଼ ବନଖଣ୍ଡକୁ ଚିଠି ହୋଇଥିଲା।

## ଯନ୍ତ୍ରପାତି ମେଳା

**ନୂଆପଡ଼ା** ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ମେଳାରେ ଯୋଗଦେଇ ଚାଷୀମାନଙ୍କୁ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରି ଆୟକୁ ଦ୍ୱି-ଗୁଣିତ କରିବା ଉପରେ ମତ ବ୍ୟକ୍ତ କରିଥିଲେ।

## ନିଯୁକ୍ତିମେଳା

**ବଲାଙ୍ଗିର** ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଲାର୍କିପଲ୍ଲୀଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଛନ୍ତି, ସରକାରଙ୍କ ଏହି ଯୋଜନା ଯୁବପିଢ଼ିଙ୍କୁ କୁଶଳୀ କରିବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ପ୍ରଦାନ କରିବାରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି।

## କର୍ମଶାଳା

**ରାୟଗଡ଼ା** ବ୍ଲକ୍ ସଦ୍‌ଭାବନା ଗୃହରେ ଗ୍ରାମପଞ୍ଚାୟତସ୍ତରୀୟ ଇକୋ-ଟୁରିଜିମ୍ ଓ ମିତ୍ର-ଟୁରିଜିମ୍ ସୃଷ୍ଟି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତକୁ ଶକ୍ତିଶାଳୀ କରିବା ନିମନ୍ତେ ସ୍ଥାନୀୟ ପର୍ଯ୍ୟଟନ ଯୋଜନା ପ୍ରସ୍ତୁତି, ଯୁବଶକ୍ତିଙ୍କୁ ପର୍ଯ୍ୟଟନ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଓ କ୍ଷମତା ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ରକ୍ତଦାନ ଶିବିର

**ନୂଆପଡା** ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇ ଯୁବ ସ୍ୱେଚ୍ଛାସେବୀଙ୍କୁ ରକ୍ତଦାନ ନିମନ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ।

## ଧାନ ସଂଗ୍ରହ

**ନୟାଗଡ଼** ଜିଲ୍ଲା ଭା-ପୁର ବ୍ଲକ୍ ଫତେଗଡ଼ଠାରେ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଂ କମିଟିର ସଦସ୍ୟମାନେ ଧାନମଣ୍ଡି ଓ ଧାନ ସଂଗ୍ରହ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏହି ୫ ଜଣିଆ ଦଳ ଭାପୁର ଗସ୍ତ କରି କଟନୀଛଟନୀ ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

## ଶ୍ରମିକ ମୃତ୍ୟୁ

**ମାଲକାନଗିରି** ତାରିଣୀ ମନ୍ଦିର ପାର୍ଶ୍ୱରେ ଥିବା ଏକ ପାହାଡରୁ ମାଟି ଅତଡା ଖସି ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି।  ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ମୃତ ଶରୀରକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଧର୍ମେନ୍ଦ୍ର ପ୍ରଧାନ-ସଂଗୀତ ଉତ୍ସବ

ଭୁବନେଶ୍ୱରସ୍ଥିତ ରାଜରାଣୀ ମନ୍ଦିର ପ୍ରାଙ୍ଗଣରେ ରାଜାରାଣୀ ସଂଗୀତ ଉତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ । ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ପ୍ରତିଷ୍ଠିତ ସଂଗୀତଜ୍ଞ ଶାସ୍ତ୍ରୀୟ ସଂଗୀତ ଓ ବାଦ୍ୟ ପରିବେଷଣ କରିବେ।

## ଦୌଡ଼କୁଦ

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୩୫ତମ ଓଡ଼ିଶା ମାଷ୍ଟର୍ସ ଦୌଡ଼କୁଦରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ସୁପ୍ରକାଶ ପ୍ରଧାନ କୃତୀତ୍ୱ ହାସଲ କରିଛନ୍ତି। ଆସନ୍ତା  ଫେବୃୟାରୀ ୨୮ ତାରିଖରେ କେରଳର ଥିରୁବନ୍ତପୁରମ୍‌ଠାରେ ହେବାକୁ ଥିବା ୪୬ତମ ଜାତୀୟ ମାଷ୍ଟର୍ସ ଦୌଡ଼କୁଦ ପ୍ରତିଯୋଗିତାରେ ସୁପ୍ରକାଶ ଭାଗ ନେବେ।